# ବିଶ୍ୱ ଧରିତ୍ରୀ ଦିବସ ପାଳିତ

**ନିର୍ଭୟ ମିଡିଆ : ଭୁବନେଶ୍ୱର**

ପରିବେଶ ସୁରକ୍ଷା ଅଭିଯାନ ଓ ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ ଅଫ ଇନଫର୍ମେସନ ଟେକନୋଲୋଜି ଆଣ୍ଡ ମ୍ୟାନେଜେମେଣ୍ଟର ମିଳିତ ପ୍ରୟାସରେ 'ବିଶ୍ୱ ଧରିତ୍ରୀ ଦିବସ' ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଇନଷ୍ଟିଚ୍ୟୁଟର ଡିନ୍ (ଏକାଡେମିକସ) ଡକ୍ଟର ଚିନ୍ମୟ କୁମାର ଦାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ସ୍ୱାଗତ ଭାଷଣ ରଖିଥିଲେ । ପରିବେଶ ସୁରକ୍ଷା ଅଭିଯାନର ଉପ ସଭାପତି ପ୍ରଫେସର କଲ୍ୟାଣୀ ମହାନ୍ତି, ସାଧାରଣ ସମ୍ପାଦକ ରଘୁନାଥ ପୃଷ୍ଟି, କୋଷାଧ୍ୟକ୍ଷା ନମିତା ମହାପାତ୍ର ଓ ଯୁଗ୍ମ ସମ୍ପାଦକ ଡକ୍ଟର ନାରାୟଣ ତ୍ରିପାଠୀ ଧରିତ୍ରୀ ଦିବସର ଏ ବର୍ଷର ଶୀର୍ଷକ 'ଆୱାର ପାୱାର, ଆୱାର ପ୍ଲାନେଟ' ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲ। ୨୦୩୦ ମସିହା ସୁଦ୍ଧା ନବୀକରଣୀୟ ଶକ୍ତିର ଉତ୍ପାଦନକୁ ତିନି ଗୁଣ ବଢ଼ାଇବାକୁ ବିଶ୍ୱରେ ଯେଉଁ ଲକ୍ଷ୍ୟ ଦିଆ ଯାଇଛି ବକ୍ତାମାନେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ଭାରତ ସରକାର ୨୦୩୦ ମସିହା ସୁଦ୍ଧା ଦେଶର ଶକ୍ତି ବ୍ୟବହାରର ୫୦% ଶକ୍ତି ନବୀକରଣୀୟ ଶକ୍ତି ହେବ ବୋଲି ଲକ୍ଷ୍ୟ ରଖିଛନ୍ତି । ସୌର କିରଣ ତଥା ଅନ୍ୟାନ୍ୟ ନବୀକରଣୀୟ ଶକ୍ତିଉତ୍ସରୁ ଅଧିକରୁ ଅଧିକ ଶକ୍ତି ଉତ୍ପନ୍ନ କରିବାର ଆବଶ୍ୟକତା ଅଛି ବୋଲି ବକ୍ତାମାନେ ଦୃଢ଼ୋକ୍ତି ବାଢ଼ିଥିଲେ। ଏହା ବିଶ୍ୱ ତାପାୟନକୁ ହ୍ରାସ କରିବାରେ ସହାୟକ ହେବ ବୋଲି ମତ ରଖିଥିଲେ । ଏତଦବ୍ୟତୀତ ପରିବେଶର ଅନ୍ୟାନ୍ୟ ଦିଗ ସମ୍ପର୍କରେ ମଧ୍ୟ




ଆଲୋଚନା କରାଯାଇଥିଲା। ପରିଶେଷରେ ଇନଷ୍ଟିଚ୍ୟୁଟର ପ୍ରଫେସର ବିଶ୍ୱବିହାରୀ ଦାସ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପକ ଅଦିତ୍ୟା ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ମିହିର ରଞ୍ଜନ ନାୟକ ତଥା ଛାତ୍ରଛାତ୍ରୀମାନେ ବହୁସଂଖ୍ୟାରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।